SAMAJ KALYAN FOUNDATION

a centre for Research & Development

# ପ୍ରେସ ନୋଟ

## ସ୍ତନ୍ୟପାନ ର ଗୁରୁତ୍ୱ ସମ୍ପର୍କିତ ଦୁଇ ଦିନିଆ କର୍ମଶାଳା ଉଦଯାପିତ

ସ୍ତନ୍ୟପାନ ଶିଶୁ ସୁରକ୍ଷା ର ଏବ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଶିଶୁ ଜନ୍ମ ହେବାର ଏକ ଘଣ୍ଟା ଭିତରେ ସ୍ତନ୍ୟପାନ ଆରମ୍ଭ କରାଯିବା ଦ୍ୱାରା ଶତକଡା କୋଡିଏ ପ୍ରତିଶତ ନବଜାତ ଶିଶୁ ମୃତ୍ୟୁହାର ରୋକାଯାଇପାରିବ । ଯେଉଁ ଶିଶୁ ମାନେ ଜନ୍ମ ହେବାର ପ୍ରଥମ ଛଅ ମାସ କେବଳ ସ୍ତନ୍ୟପାନ କରିଥାନ୍ତି, ସେମାନେ ଡାଇରିଆ ଓ ନିମୋନିଆ ଭଳି ରୋଗ ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବାର ସମ୍ଭାବନା ବହୁତ କମ ଥାଏ । ସ୍ତନ୍ୟପାନ ଶିଶୁ କୁ ଜୀବାଣୁ ସଂକ୍ରମଣ ରୁ ରକ୍ଷା କରିବା ସହିତ ରୋଗରୁ ଶୀଘ୍ର ଆରୋଗ୍ୟ ହେବାରେ ସାହାଯ୍ୟ କରିଥାଏ । ତେଣୁ ଜନ୍ମ ପରେ ଶିଶୁ କୁ ଦୁଇ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ନିହାତି ଜରୁରୀ ଅଟେ ।

ସମାଜ କଲ୍ୟାଣ ଫାଉଣ୍ଡେସନ, ଭୁବନେଶ୍ୱର ଓ ୱାର୍ଲ୍ଡ ଆଲାଏନ୍ସ ଫର ବ୍ରେଷ୍ଟଫିଡିଙ୍ଗ ଆକ୍ସନ (ୱାବା), ମାଲୟେସିଆ ର ମିଳିତ ସହଯୋଗରେ ସ୍ତନ୍ୟପାନ ର ଗୁରୁତ୍ୱ କୁ ନେଇ, ନିର୍ମାଣ କାର୍ଯ୍ୟ ରେ ନିୟୋଜିତ ମହିଳା ଶ୍ରମିକ ମାନେ ସେମାନଙ୍କର ଶିଶୁ ମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସ୍ତନ୍ୟପାନ କରାଇବା ପାଇଁ ଭୋଗୁଥିବା ଅସୁବିଧା ଓ ତା'ର ପ୍ରତିକାର ସମ୍ପର୍କିତ ଦୁଇ ଦିନିଆ କର୍ମଶାଳା ଓ ଆଲୋଚନାଚକ୍ର ଆଜି (୨୮/୦୭/୨୦୧୮) ହୋଟେଲ ଏକ୍ସସେଲେନ୍ସି, ଭୁବନେଶ୍ୱର ଠାରେ ଉଦଯାପିତ ହୋଇଯାଇଛି।

ପ୍ରଥମ ଦିବସ ରେ 'ସ୍ତନ୍ୟପାନ ରେ ବିଭିନ୍ନ ଭାଗୀଦାର ମାନଙ୍କର ଭୂମିକା' କୁ ନେଇ ହୋଇଥିବା କର୍ମଶାଳା କୁ ଓଡିଶା କୋଠବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣବୋର୍ଡ ର ଅଧ୍ୟକ୍ଷ ଶ୍ରୀ ସୁବାସ ସିଂହ ଉଦଘାଟନ କରି ସମାଜ କଲ୍ୟାଣ ଫାଉଣ୍ଡେସନ ର ପ୍ରୟାସ କୁ ଧନ୍ୟବାଦ ଦେବା ସହିତ ବୋର୍ଡ ର ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କ ରେ ଆଲୋକପାତ କରିଥିଲେ । ଶ୍ରୀ ସିଂହ ଏହି ଅବସରରେ ବିଭିନ୍ନ ନିର୍ମାଣ କ୍ଷେତ୍ର ରେ କ୍ରେଚ ବ୍ୟବସ୍ଥା ଓ ମହିଳା ଶ୍ରମିକ ମାନେ ଶିଶୁ ମାନଙ୍କୁ ସ୍ତନ୍ୟପାନ କରାଇବା ଓ ଅନ୍ୟାନ୍ୟ ସୁବିଧା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବୋର୍ଡ ର ଯୋଜନା ତଥା ନିକଟ ଭବିଷ୍ୟତ ରେ ଏତ ସଂକ୍ରାନ୍ତ ରେ ଟେଣ୍ଡରିଙ୍ଗ ହେବାର ସୂଚନା ମଧ୍ଯ ଦେଇଥିଲେ । ମହିଳା ଶ୍ରମିକ ମାନଙ୍କର ସୁରକ୍ଷା, ସମ୍ମାନ ଓ ନିରାପତ୍ତା ଲାଗି ନିଆଯାଉଥିବା ସମସ୍ତ ପଦକ୍ଷେପକୁ ବୋର୍ଡ ଆନ୍ତରିକତା ର ସହ ସହଯୋଗ କରିବ ବୋଲି ସେ ମତପୋଷଣ କରିଥିଲେ ।

ସମାଜ କଲ୍ୟାଣ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ କାଶୀନାଥ ଜେନା ଭୁବନେଶ୍ୱର ସହର ରେ ସ୍ତନ୍ୟପାନ କରାଉଥିବା ନିର୍ମାଣ ମହିଳା ଶ୍ରମିକ ମାନଙ୍କୁ ନେଇ ଏହି ସଂସ୍ଥା କରାଇଥିବା ଏକ ସର୍ବେକ୍ଷଣ ର ବିଶ୍ଳେଷଣ କରି ସେମାନଙ୍କର ଅସୁବିଧା, ଶିଶୁ ମାନଙ୍କର ଅପପୁଷ୍ଟି ର କାରଣ, ସ୍ତନ୍ୟପାନ ବିଷୟରେ ସଚେତନତାର ଅଭାବ ଆଦି ବିଷୟ ଗୁଡିକ ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ଶିଶୁ ବିଶେଷଜ୍ଞ ତଥା ଏମ କେ ସି ଜି ମେଡିକାଲ କଲେଜ ର ଶିଶୁ ବିଭାଗ ମୁଖ୍ୟ ପ୍ର. (ଡଃ) ନିରଞ୍ଜନ ମହାନ୍ତି ସ୍ତନ୍ୟପାନ ର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ଓଡିଶା ସରକାରଙ୍କର ଉପ-ନିର୍ଦ୍ଦେଶକ (ପୁଷ୍ଟି), ଡଃ ବିଶ୍ୱରଞ୍ଜନ ପାଢୀ ସ୍ତନ୍ୟପାନ କୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ସରକାରୀ ଉଦ୍ୟମ ଓ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଅବସର ରେ ୟୁନିସେଫ ର ପୁଷ୍ଟି ବିଶେଷଜ୍ଞ ଶ୍ରୀ ସୌରଭ ଭଟ୍ଟାଚାର୍ଜୀ ସ୍ତନ୍ୟପାନ ପ୍ରୋତ୍ସାହନ ର ବିଭିନ୍ନ କାର୍ଯ୍ୟକ୍ରମ , ପନ୍ଥା ତଥା ଏହି ଦିଗରେ ସମସ୍ତ ଭାଗୀଦାର ମାନଙ୍କର ଭୂମିକା ବିଷୟରେ ସବିଶେଷ ବକ୍ତବ୍ୟ ରଖିଥିଲେ ।ଏହି କର୍ମଶାଳାରେ ସକ୍ରାନ୍ତିୟ ସରକାରୀ ବିଭାଗ , ୟୁଏନ ସଂସ୍ଥା,

Plot No. N4/184, IRC Village, Nayapalli, Bhubaneswar-751015, Odisha, India
Ph. /Fax. : +91 674 555888, Mob. +91 9439960888, 9668128008, 9437279730, 9338206154
Visit us at: www.skfindia.in , E – mail: skfodisha@rediffmail.com , skfodisha@hotmail.com

# SAMAJ KALYAN FOUNDATION

a centre for
Research & Development

ମେଡିକାଲ ଓ ନର୍ସିଙ୍ଗ କଲେଜ, ବେସରକାରୀ ଅନୁଷ୍ଠାନ, ଟ୍ରେଡ ୟୁନିୟନ କର୍ମକର୍ତା ଓ ଗଣମାଧ୍ୟମ ପ୍ରତିନିଧି ମାନେ ସକ୍ରିୟ ଅଂଶ ଗ୍ରହଣ କରି ଆଗାମୀ ଦିନରେ ଏଏହି ଦିଗରେ ଉଚିତ ପଦକ୍ଷେପ ନେବାପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ଦ୍ଵିତୀୟ ଦିବସ କର୍ମଶାଳାଟି ମୁଖ୍ୟତଃ ଭୁବନେଶ୍ୱର ରେ କାର୍ଯ୍ୟରତ ବିଭିନ୍ନ କନଷ୍ଟ୍ରକସନ କମ୍ପାନୀର ମାଲିକ , ମ୍ୟାନେଜର ଓ ସାଇଟ ସୁପରଭାଇଜର ମାନଙ୍କର ଏହି ଦିଗ ରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସମାଜ କଲ୍ୟାଣ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ କାଶୀନାଥ ଜେନାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ବକ୍ତା ଭାବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ଓଡିଶା ସରକାରଙ୍କର ଉପ-ନିର୍ଦ୍ଦେଶକ ( ପୁଷ୍ଟି), ଡଃ ବିଶ୍ୱରଞ୍ଜନ ପାଢୀ ଯୋଗଦାନ କରି ସ୍ତନ୍ୟପାନ ର ଗୁରୁତ୍ୱ , ଉପକାରିତା, ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଓ ସର୍ବୋପରି ନିର୍ମାଣ କାର୍ଯ୍ୟ ରେ ନିୟୋଜିତ ସ୍ତନ୍ୟପାନ କରାଉଥିବା ମହିଳା ଶ୍ରମିକ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଭୂମିକା ଉପରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ପଚାଶ ରୁ ଉର୍ଦ୍ଧ୍ୱ କନଷ୍ଟ୍ରକସନ କମ୍ପାନୀର ମାଲିକ, ମ୍ୟାନେଜର ଓ ସାଇଟ ସୁପରଭାଇଜର ମାନେ ଯୋଗଦାନ କରି ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ଉତ୍ସାହିତ ହେବାସହ ନିଜ କାର୍ଯ୍ୟ କ୍ଷେତ୍ର ରେ ଏପରି ମହିଳା ମାନଙ୍କ ପାଇଁ ଉପଯୁକ୍ତ ପଦକ୍ଷେପନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।




*ପ୍ରଥମ ଦିବସ*




*ଦ୍ଵିତୀୟ ଦିବସ*

*ମୁଖ୍ୟ କାର୍ଯ୍ୟନିର୍ବାହୀ,ସମାଜ କଲ୍ୟାଣ ଫାଉଣ୍ଡେସନ*

Plot No. N4/184, IRC Village, Nayapalli, Bhubaneswar-751015, Odisha, India
Ph. /Fax. : +91 674 555888, Mob. +91 9439960888, 9668128008, 9437279730, 9338206154
Visit us at: www.skfindia.in , E – mail: skfodisha@rediffmail.com , skfodisha@hotmail.com